# ଏଚ୍.ଆଇ.ଭି. ଏଡ଼୍‌ସ୍ ଦ୍ୱାରା ସଂକ୍ରମିତ ଓ ପ୍ରଭାବିତ ମହିଳା ମାନଙ୍କୁ ସମ୍ପତ୍ତି ମାଲିକାନା ଓ ଆଇନଗତ ସାକ୍ଷରତା ଜରିଆରେ ସଶକ୍ତିକରଣ

## ବିବାହ ସମ୍ପତ୍ତିଗତ ଓ ଘରୋଇ ହିଂସା ସମ୍ବନ୍ଧୀୟ ମୌଳିକ ଆଇନଗତ ସୂଚନା

SAATHII
Solidarity and Action Against The HIV Infection in India

Positive Women Network
PWN+

# ମୁଖବନ୍ଧ

ସାଥୀ, ପଜିଟିଭ ଓ୍ୱମ୍ୟାନ ନେଟ୍‌ୱାର୍କ (ପି.ଡ଼ବ୍ଲ୍ୟୁ.ଏନ୍) ସହ ମିଳିତ ଭାବେ ଗୋଟିଏ ପ୍ରକଳ୍ପ ପରିଚାଳିତ କରୁଛନ୍ତି, ଯାହାର ନାମ "ଏଚ୍.ଆଇ.ଭି. ଏଡ଼୍‌ସ୍ ଦ୍ୱାରା ସଂକ୍ରମିତ ଓ ପ୍ରଭାବିତ ମହିଳା ମାନଙ୍କୁ ସମ୍ପତ୍ତି ମାଲିକାନା ଓ ଆଇନଗତ ସାକ୍ଷରତା ଜରିଆରେ ସଶକ୍ତିକରଣ" ଯାହାକୁ ଇଉରୋପିଆନ୍ ୟୁନିଅନ ଆର୍ଥିକ ସହାୟତା ଯୋଗାଉଛି ।

ମୌଳିକ ଅଧିକାର ପାରିବାରିକ ହିଂସା ନିରୋଧି ଆଇନ, ମହିଳାମାନଙ୍କ ସମ୍ପତ୍ତି ଉତ୍ତରାଧିକାର ଆଇନ ଓ ବିବାହ ଓ ଛାଡ଼ପତ୍ର ସମ୍ବନ୍ଧିୟ ଆଇନ ଓ ପ୍ରକଳ୍ପ ଅନ୍ତର୍ଗତ ଜିଲାମାନଙ୍କରେ ଉପଲବ୍ଧ ଆଇନ ସେବା ବିଷୟରେ ସଚେତନତା ସୃଷ୍ଟି କରିବା ହେଉଛି ଏହି ପ୍ରକଳ୍ପର ଉଦ୍ଦେଶ୍ୟ ।

ଏହି ପୁରୁଷ ପ୍ରଧାନ୍ୟ ସମାଜରେ, ମହିଳାମାନଙ୍କର ମୁଖ୍ୟ ଭୂମିକା ହେଉଛି ପରିବାରର ତତ୍ତ୍ୱାବଧାନ କରିବା ଓ ନିଜ ପିଲାମାନଙ୍କର ଯତ୍ନ ନେବା । ପୁରୁଷମାନଙ୍କର ଉତ୍ତରାଧିକାରୀ ସୂତ୍ରରେ ସମ୍ପତ୍ତି ପାଇବାର ଅଧିକାର ଅଛି କିନ୍ତୁ ମହିଳାମାନଙ୍କୁ ଏହି ଅଧିକାରୁ ବଞ୍ଚିତ କରାଯାଉଛି ।

ଯଦିଓ ମହିଳାମାନଙ୍କର ସମ୍ପତ୍ତିଗତ ଅଧିକାର ଅଛି, କିନ୍ତୁ ଅଧିକାଂଶ ମହିଳା ଏହି ବିଷୟରେ ଅଜ୍ଞ ଥାଆନ୍ତି ଏବଂ ସେମାନେ ଜାଣି ନାହାନ୍ତି କିପରି ସୁନିଶ୍ଚିତ କରିବେ ଯେ ତାଙ୍କର ଅଧିକାରକୁ କେହି ଅବମାନନା କରିପାରିବେ ନାହିଁ ।




Right to Equality
Right to Freedom
Right Against Exploitaion
Right to Freedom of Religion
Cultural and Educational Rights
Right to Constitutional Remedies







# ମୌଳିକ ଅଧିକାର

ଭାରତୀୟ ସମ୍ବିଧାନ ଅନୁଯାୟୀ ପ୍ରତ୍ୟେକ ନାଗରିକଙ୍କର ମୌଳିକ ଅଧିକାରକୁ ତାଙ୍କର ମୌଳିକ ମାନବୀୟ ଅଧିକାର ରୂପେ ସ୍ୱୀକୃତି ଦିଆଯାଇଛି ।

୬ଟି ମୌଳିକ ଅଧିକାରଗୁଡ଼ିକ ହେଲା:

1. ସମାନତା ଅଧିକାର
2. ସ୍ୱାଧିନତା ଅଧିକାର
3. ଶୋଷଣ ବିରୋଧୀ ଅଧିକାର
4. ଧର୍ମଗତ ସ୍ୱାଧିନତା ଅଧିକାର
5. ସାଂସ୍କୃତିକ ଓ ଶିକ୍ଷାଗତ ଅଧିକାର, ଏବଂ
6. ସାମ୍ବିଧାନିକ ପ୍ରତିକାର ଅଧିକାର

ଏହି ଅଧିକାରଗୁଡ଼ିକୁ ଅବମାନନା କଲେ, ଆଇନ ଅନୁଯାୟୀ ଦଣ୍ଡିତ ହେବେ ।




Right to Equality
Right to Freedom
Right Against Exploitaion
Right to Freedom of Religion
Cultural and Educational Rights
Right to Constitutional Remedies

# ପାରିବାରିକ ହିଂସା ନିରୋଧି ଆଇନ

ଘରୋଇ ହିଂସାକାଣ୍ଡରୁ ସ୍ତ୍ରୀମାନଙ୍କୁ ସୁରକ୍ଷା ଯୋଗାଇ ଦେବାପାଇଁ ଆଇନ ସ୍ପଷ୍ଟ କରିଦେଇଛି ଯେ, ଯେଉଁ ମହିଳାମାନେ ତାଙ୍କ ସ୍ୱାମୀଦ୍ୱାରା କିମ୍ୱା ପରିବାରର କୌଣସି ପୁରୁଷଦ୍ୱାରା ଏହି ହିଂସ୍ରତାର ଶିକାର ହେଉଛନ୍ତି (ଯଥା: - ଶାରିରୀକ, ମାନସିକ, ଦୈହିକ ଓ ଆର୍ଥିକ ଭାବରେ) ତାଙ୍କୁ ଏଥିରୁ ତୁରନ୍ତ ମୁକ୍ତ କରାଯିବ ଓ ତାଙ୍କୁ ସମର୍ଥନ କରାଯିବ ।

ଏହି ଆଇନ ମହିଳାମାନଙ୍କୁ କେତୋଟି ଅଧିକାର ପ୍ରଦାନ କରିଛି । ସେଗୁଡ଼ିକ ହେଲା:

- ଅଦାଲତ ଦ୍ୱାରା ଦିଆଯାଇଥିବା ବସବାସ ନିର୍ଦ୍ଦେଶ ଅନୁସାରେ ନିଜ ଗୃହରେ ସ୍ଥାୟୀଭାବରେ ବସବାସ କରିବା ପାଇଁ ଅଧିକାର ଦାବୀ କରିବା ।
- ଯାହା ଦ୍ୱାରା ହିଂସ୍ରତାର ଶିକାର ହେଉଥିବେ ତାଙ୍କ ବିରୁରେ ଅଭିଯୋଗ ଦାୟର କରିବାର ଅଧିକାର ।
- ନିରାପଦ ବାସଗୃହ ସେବା ଓ ଡ଼ାକ୍ତରୀ ସୁବିଧା ପାଇବାର ଅଧିକାର ।
- ହିଂସ୍ରତାରୁ ସଙ୍ଗେ ସଙ୍ଗେ ସ୍ୱାଚ୍ଛନ୍ଦ୍ୟ ପାଇବାର ଅଧିକାର ।
- ସୁରକ୍ଷା ଅଧିକାରୀ ଏବଂ ଅନ୍ୟ ସେବା ପ୍ରଦାନକାରୀଙ୍କ ଠାରୁ ସୁରକ୍ଷା ପାଇବାର ଅଧିକାର ।
- କ୍ଷତି ପୂରଣ ଆଦେ ଶ ନିମନ୍ତେ ଅଧିକାର ଦାବୀ କରିବା ।
- ଭରଣପୋଷଣ ଆଦେ ଶ ନିମନ୍ତେ ଅଧିକାର ଦାବୀ କରିବା ।
- ତତ୍ୱାବଧାନ ଆଦେ ଶ ନିମନ୍ତେ ଅଧିକାର ଦାବୀ କରିବା







# ମହିଳାମାନଙ୍କର ସମ୍ପତ୍ତିଗତ ଅଧିକାର

ସମ୍ପତ୍ତି ଉତ୍ତରାଧିକାରୀ ଅଧିକାର ପାଇଁ କୌଣସି ଏକା ପ୍ରକାରର ସୁନିର୍ଦ୍ଦିଷ୍ଟ ନିୟମାବଳୀ ନାହିଁ ।

ତେଣୁ ମହିଳା ମାନଙ୍କର ସମ୍ପତ୍ତିଗତ ଆଇନ, ଧର୍ମର ବ୍ୟକ୍ତିଗତ ଆଇନ ଦ୍ୱାରା ପରିଚାଳିତ ହୁଏ ।

ଉଦାହରଣ: ହିନ୍ଦୁମାନଙ୍କର ବ୍ୟକ୍ତିଗତ ଆଇନ ଅନୁଯାୟୀ, ସମ୍ପତ୍ତିରେ ଉଭୟ ପୁରୁଷ ଓ ମହିଳାଙ୍କର ସମାନ ଅଧିକାର ରହିଛି ।

ମୁସଲମାନ ମାନଙ୍କର ବ୍ୟକ୍ତିଗତ ଆଇନ ଅନୁଯାୟୀ, ପୁରୁଷ ଶିଶୁ, ମହିଳା ଶିଶୁଙ୍କର ଦୁଇଗୁଣ ସମ୍ପତ୍ତି ପାଇପାରିବେ ।

ଖ୍ରୀଷ୍ଟିୟାନ ଏବଂ ପାର୍ସିମାନେ ଭାରତୀୟ ପରମ୍ପରା ଦ୍ୱାରା ପରିଚାଳିତ ହୋଇଥାଆନ୍ତି, ଯେଉଁଠାରେ ଉଭୟ ପୁରୁଷ ଓ ମହିଳାଙ୍କର ସମ୍ପତ୍ତିରେ ସମାନ ଅଧିକାର ରହିଛି ।





# ବିବାହ ଓ ଛାଡ଼ପତ୍ର.

ଭାରତରେ, ବିବାହ ଓ ବିବାହ-ବିଚ୍ଛେଦ ନିଜ ଧର୍ମର ବ୍ୟକ୍ତିଗତ ଆଇନଦ୍ୱାରା ପରିଚାଳିତ ହୁଏ ।

ବିବାହ ଓ ବିବାହ-ବିଚ୍ଛେଦ ନିୟମାବଳୀ ବର୍ଣ୍ଣନା କରେ ଯେ, କେଉଁ ଭିତ୍ତିରେ ବିବାହ-ବିଚ୍ଛେଦକୁ ସ୍ୱୀକୃତି ଦିଆଯିବ ଓ ଆଉ ମଧ୍ୟ ବର୍ଣ୍ଣନା କରେ ଯେ କେଉଁ ପରିସ୍ଥିତିରେ ବିବାହକୁ ଯୁକ୍ତିଯୁକ୍ତ ବା ଅସି ବୋଲି ବିଚାର କରାଯିବ ।

ଏହି ନିୟମାବଳୀ ଅନୁଯାୟୀ ଆର୍ଥିକ ପରିସ୍ଥିତି ଦେଖି ଅଦାଲତ ସ୍ଥିର କରିଥିବା ଭରଣପୋଷଣ ଖର୍ଚ୍ଚ, ପୁରୁଷମାନଙ୍କୁ ନିଜ ସ୍ତ୍ରୀ ଓ ପିଲାମାନଙ୍କର ଭରଣପୋଷଣ ବାବଦକୁ ଖର୍ଚ୍ଚ ଦେବାକୁ ପଡ଼ିବ ।

ଯଦି ସେ ଏହି ଭରଣପୋଷଣ ଖର୍ଚ୍ଚ ଦେବାରେ ଅସମର୍ଥ ହେଲେ ତାହାହେଲେ, ଅପରାଧ ସମ୍ବନ୍ଧୀତ ଅଦାଲତର ଧାରା ୧୨୫ ଅନୁଯାୟୀ ମହିଳା ତାଙ୍କ ବିରୁରେ ଆପତ୍ତି କରିପାରିବେ ।

ଯଦି ଜଣେ ମହିଳା ଛାଡ଼ପତ୍ର ପରେ ସେ ପୁନଃ ବିବାହ ନ କରି ଥିଲେ ହିଁ ଭରଣପୋଷଣ ପାଇଁ ଆବେଦନ କରିପାରିବେ ।





**For Communication**

Solidarity and Action Against The HIV Infection in India (SAATHII)
No.78, Pushpa Nagar Main Road,
Nungambakkam, Chennai 600 034

Phone: +91 44 2817-3948/49/46
Fax: +91 44 2817-3947
Email: poll@saathii.org

*This document has been produced with the financial assistance of the European Union. The contents of this document are the sole responsibility of SAATHII and can under no circumstances be regarded as reflecting the position of the European Union.*

SAATHII Solidarity and Action Against The HIV Infection in India

Positive Women Network PWN+